## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା, ୧୧।୯ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଘନପୁର ଗ୍ରାମର ନିରଞ୍ଜନ ସେଠୀ, ସେରେଣ୍ଡା ଗ୍ରାମର ସମ୍ବାରୁ ବେହେରା ଏବଂ ଛବି ବେହେରାଙ୍କୁ ଗିରଫ କରାଯାଇଛି। ଏମାନେ ଘରେ ଚୋରାରେ ଦେଶୀ ମହୁଲି ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପନିରୀକ୍ଷକ ରଞ୍ଜିତା ହରିଚନ୍ଦନ, ଏଏସ୍ଆଇ ମାନସ ରଞ୍ଜନ ପ୍ରଧାନ ଚଢ଼ାଉ କରିଥିଲେ।





ତାଳଚେର ରୋଡ୍ ଷ୍ଟେଶନରେ ପ୍ରବେଶ କରୁଛି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍।


ଢେଙ୍କାନାଳ ଷ୍ଟେଶନରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ରହଣି କରିଛି।

# ଷ୍ଟେଶନରେ ଗହଳି, ଉଠାଇଲେ ସେଲ୍‌ଫି

ଢେଙ୍କାନାଳ, ୧୧।୯ (ରତନ ନାୟାର)/ ଅନୁଗୋଳ (ଅମିତ କୁମାର ସାମଲ)

**ଉତ୍ସାହ ଭରିଲା ବନ୍ଦେ ଭାରତ ଏକ୍ସପ୍ରେସ୍**

ପୁରୀରୁ ତାଳଚେର ରୋଡ୍ ଷ୍ଟେଶନ ଯାଏ ଟ୍ରାଏଲ ରନ୍ କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ନେଇ ସୋମବାର ଢେଙ୍କାନାଳ ଓ ଅନୁଗୋଳ ଜିଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ର, ଯୁବତୀ ଯୁବକଙ୍କଠାରୁ ଆରମ୍ଭ କରି ବିଭିନ୍ନ ବୟସର ଲୋକେ ଏହି ଟ୍ରେନ୍‌ର ଟିକେ ଝଲକ ପାଇବାକୁ ଷ୍ଟେଶନରେ ଗହଳି ଜମାଇଥିଲେ। ବିଶେଷକରି ଯୁବପିଢ଼ି ଟ୍ରେନ୍ ସହ ସେଲ୍‌ଫି ଉଠାଇବାକୁ ବେଶ୍ ଆଗ୍ରହ ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା।

ପୁରୀ-ରାଉରକେଲା ରୁଟ୍‌ରେ ଚାଲିବାକୁ ଥିବା ଏହି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରାଏଲ ରନ୍ ପାଇଁ ପୂର୍ବାହ୍ନ ସାଢ଼େ ୯ଟାରେ ପୁରୀରୁ ତାଳଚେର ରୋଡ୍ ଷ୍ଟେଶନ ଅଭିମୁଖେ ବାହାରିଥିଲା। ମଧ୍ୟାହ୍ନ ୧୨ଟାରେ ଏହା ଢେଙ୍କାନାଳ ରେଳ ଷ୍ଟେଶନରେ ପହଞ୍ଚିବା ପରେ ସେଠାରେ ୨ ମିନିଟ ଅଟକିଥିଲା। ପରେ ୧୨ଟା ୨ରେ ତାଳଚେର ରୋଡ୍ ଅଭିମୁଖେ ଯାତ୍ରା କରିଥିଲା। ଏହି ଟ୍ରେନ୍‌ରେ ଯାତ୍ରୀମାନଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ଆଗାମୀ ଷ୍ଟେଶନ ଏବଂ ଗାଡ଼ିର ବେଗ ସମ୍ପର୍କରେ ଡିଜିଟାଲ ମାଧ୍ୟମରେ ସୂଚନା ଦିଆଯାଉଛି। ତେଣୁ ଏପରି ଏକ ଏକ୍ସପ୍ରେସ୍‌କୁ ଅତି ପାଖରୁ ଦେଖିବାକୁ ସକାଳୁ ଢେଙ୍କାନାଳ ଷ୍ଟେଶନରେ ବହୁ ସଂଖ୍ୟାରେ ଲୋକେ ଅପେକ୍ଷା କରିଥିଲେ। ଟ୍ରେନ୍ ସେଠାରେ ଅଟକିବା ପରେ ଅନେକ ଲୋକ ଭିତରକୁ ପଶି ଅତ୍ୟାଧୁନିକ ବ୍ୟବସ୍ଥାକୁ ପାଖରୁ ଦେଖିଥିଲେ। ଢେଙ୍କାନାଳ ଷ୍ଟେଶନ ଦେଇ ଟ୍ରେନ୍‌ଟି ସଫଳତାର ସହ ଯାଇଥିବା ଢେଙ୍କାନାଳ ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ରୋହିତ କୁମାର ବେହେରା ସୂଚନା ଦେଇଛନ୍ତି। ସେହିପରି ମଧ୍ୟାହ୍ନ ସାଢ଼େ ୧୨ଟାରେ ଉକ୍ତ ଏକ୍ସପ୍ରେସ୍ ତାଳଚେର ରୋଡ୍ ଷ୍ଟେଶନରେ ପହଞ୍ଚିବା ପରେ ସେଠାରେ ଅପେକ୍ଷାରତ ଲୋକେ ବେଶ୍ ଆନନ୍ଦିତ ହୋଇପଡ଼ିଥିଲେ। ଏପରି କି କେତେଜଣ ଭିତରକୁ ପଶି ସେଲ୍‌ଫି ନେଇଥିଲେ। ପୁରୀରୁ ରାଉରକେଲା ଯାଏ ଏହି ଟ୍ରେନ୍ ଚାଲିଲେ ପୂର୍ବ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଦୂରତ୍ୱ ହ୍ରାସ ପାଇବା ସହ ଢେଙ୍କାନାଳ ଓ ଅନୁଗୋଳର ଯାତ୍ରୀ ଉପକୃତ ହେବେ ବୋଲି ଦେଖଣାହାରୀମାନେ ମତ ଦେଇଥିଲେ। ତାଳଚେର ରୋଡ୍‌ରେ ଏହା ୧୫ ମିନିଟ ରହଣି କରିବା ପରେ ପୁନର୍ବାର ପୁରୀ ଅଭିମୁଖେ ବାହାରି ଯାଇଥିଲା। ବନ୍ଦେ ଭାରତ ଚାଲିବା ପାଇଁ ଉକ୍ତ ଟ୍ରାକ ସମ୍ପୂର୍ଣ୍ଣ ଉପଯୁକ୍ତ ବୋଲି ରେଲୱେର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଟ୍ରାଏଲ ରନ୍‌ରେ କୌଣସି ସ୍ଥାନରେ କିଛି ଅସୁବିଧା ଉପୁଜି ନ ଥିବା ସେ କହିଛନ୍ତି। ଏହି ଟ୍ରାଏଲ ରନ୍ ବେଳେ ଇଲେକ୍ଟ୍ରିକାଲ, କମର୍ସିଆଲ, ମେଣ୍ଟେନାନ୍ସ, ଅପରେଟିଂ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ।


ତାଳଚେର ରୋଡ୍ ଷ୍ଟେଶନରେ ଦେଖଣାହାରୀ ଯୁବକମାନେ ସେଲ୍‌ଫି ନେଉଛନ୍ତି।

# ବ୍ରାଉନସୁଗାର ଜବତ, ଜଣେ ଗିରଫ

ଅନୁଗୋଳ, ୧୧।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ଧଳା ଜହର କାରବାର ବଢ଼ିଚାଲିଛି। ବିଶେଷକରି ଅନୁଗୋଳ ସହର ସହ ତାଳଚେର, କୋଲିୟାରୀ ଓ ନାଲ୍‌କୋ ଅଞ୍ଚଳରେ ଏହି ନିଶା କାରବାର ହେଉଥିବା ବେଳେ ପୋଲିସ ଟେର୍ ପାଉନାହିଁ। ତେବେ ସୋମବାର ଅବକାରୀ ବିଭାଗ ପକ୍ଷରୁ ଅନୁଗୋଳ ଥାନା କୁକୁଡ଼ାଙ୍ଗରୁ ୧୧୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହ କୁକୁଡ଼ାଙ୍ଗ ପ୍ରଧାନ ସାହିର ସରୋଜ ପ୍ରଧାନ(୪୮)ଙ୍କୁ ଗିରଫ କରାଯାଇଛି। ସରୋଜ କୁକୁଡ଼ାଙ୍ଗ ମଙ୍ଗଳା ମନ୍ଦିର ନିକଟରେ ବ୍ରାଉନସୁଗାର ବ୍ୟବସାୟ କରିବାକୁ ପ୍ରାୟ ୧୧ ଲକ୍ଷ ଟଙ୍କାର ମାଲ ଧରି ଅପେକ୍ଷା କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ଅନୁଗୋଳ ଅବକାରୀ ଏସ୍‌ପି ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଗାୟତ୍ରୀ ମାଝି, ଭରତ ବେହେରା, ସୁରେଶ ପାଳ ପ୍ରମୁଖ ଚଢ଼ାଉ କରିଥିଲେ। ଏହାକୁ ମିଶାଇ ଚଳିତବର୍ଷ ଅବକାରୀ ବିଭାଗ ପକ୍ଷରୁ ମୋଟ୍ ୩୪୩ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିବା ଅବକାରୀ ଏସ୍‌ପି ମଧୁସ୍ମିତା ନାୟକ ସୂଚନା ଦେଇଛନ୍ତି।



# ବାଙ୍କଧରାରୁ ବଅଁରପାଳ ଯାଏ ନୋ ଏଣ୍ଟ୍ରି ଦାବି

ତାଳଚେର, ୧୧।୯ (ମନୋଜ ନନ୍ଦ)

ତାଳଚେର ସହର ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର ବାଙ୍କଧରା ଠାରୁ ବଅଁରପାଳ ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ବ୍ୟବସ୍ଥା ଏବଂ ଟ୍ରାଫିକ ସୁପରିଚାଳନା ପାଇଁ ତାଳଚେର ଅଞ୍ଚଳବାସୀଙ୍କ ପକ୍ଷରୁ ସୋମବାର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଏହି ଜାତୀୟ ରାଜପଥରେ ଦ୍ରୁତଗତିରେ ଭାରିଯାନ ଚଳାଚଳ କରୁଥିବା ଯୋଗୁ ଦୈନନ୍ଦିନ ଦୁର୍ଘଟଣା ଘଟି ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏ ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ରାଜପଥ ୪ ଥାକିଆ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ନୋ ଏଣ୍ଟ୍ରିକୁ ବଳବତ୍ତର ରଖିବା ସହିତ ତାଳଚେର ବାଇପାସ ଠାରୁ ଗୋତମରା ପର୍ଯ୍ୟନ୍ତ କେନାଲ ରାସ୍ତାକୁ ଜନସାଧାରଣ ଯିବା ପାଇଁ ଏବଂ ପଶ୍ଚିମେଶ୍ୱର ମନ୍ଦିର ଠାରୁ ବହ୍ଲର ସନ୍ଥପଡ଼ା ବ୍ରିଜ ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ଭାବେ ଯୁଦ୍ଧକାଳୀନ ଭିତ୍ତିରେ ବ୍ୟବସ୍ଥା କରାଯାଉ। ୭ଦିନ ଭିତରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସାମାଜିକ କର୍ମୀ ତଥା ତାଳଚେର ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସୌଭାଗିନୀ ଦେବୀ, ଚତୁର୍ଭୁଜ ନନ୍ଦ, ହରେକୃଷ୍ଣ ମହାପାତ୍ର, ପ୍ରଦୀପ ମହାରଣା ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ୮୩ ଅଭିଯୋଗର ଶୁଣାଣି

ଅନୁଗୋଳ, ୧୧।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୮୩ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ୪ଟି ଅଭିଯୋଗର ଫଇସଲା ଶିବିରରେ କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ଏବଂ ଜଣକୁ ୬ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ଡେପୁଟି କଲେକ୍ଟର ମିନର୍ଭା ନାୟକ ଓ ସତ୍ୟାନନ୍ଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



# ମିଶନ ଇନ୍ଦ୍ରଧନୁଷ୍ ୫.୦ ଉଦ୍‌ଘାଟିତ

ଅନୁଗୋଳ, ୧୧।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ମିଶନ ଇନ୍ଦ୍ରଧନୁଷ ୫.୦ (ଟିକାକରଣ)ର ଉଦ୍‌ଘାଟନୀ ସମାରୋହ ହୁଲୁରସିଂହା ନେତାଜୀ କ୍ଲବଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ମିଶନ ନିର୍ଦ୍ଦେଶକ ଡା. ତ୍ରିଲୋଚନ ପ୍ରଧାନ ଓ କାଉନସିଲର କୈଳାଶ ପ୍ରଧାନ ପ୍ରଦୀପ ଏହାର ଶୁଭାରମ୍ଭ କରିଥିଲେ। ଡା. ପ୍ରଧାନ ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାରେ ୬୮୨ଟି ଟିକାକରଣ ଅଧିବେଶନ ଅନୁଷ୍ଠିତ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା, ଦିଲୀପ କୁମାର ପଟ୍ଟନାୟକ, ଡା.ଦେବାଶିଷ ପ୍ରଧାନ, ଜିଲା ବିତ୍ତୀୟ ପରିଚାଳକ ସପନ କୁମାର ପାତ୍ର, ଅତିରିକ୍ତ ଜିଲା ଜନସଞ୍ଚାର ଅଧିକାରୀ ଭରତ କୁମାର ସାହୁ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ସୂର୍ଯ୍ୟପ୍ରତାପ ମହାମାନସିଂହ, ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ଡାଟା ପରିଚାଳକ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ନୂଆ ଆଇଆଇସିଙ୍କ ଯୋଗଦାନ

ଆଠମଲ୍ଲିକ, ୧୧।୯ (ଉଦୀପ୍ତ ପୁରୋହିତ)



ଅନୁଗୋଳ ଜିଲା ଆଠମଲ୍ଲିକ ଥାନାରେ ରବିବାର ନୂଆ ଆଇଆଇସି ଭାବେ ଚିତ୍ତ ରଞ୍ଜନ ବେହେରା ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଗଞ୍ଜାମ ଜିଲାର ବୁଗୁଡ଼ା ଥାନାରେ କାର୍ଯ୍ୟରତ ଥିଲେ। ଆଠମଲ୍ଲିକ ଥାନାରେ ଯୋଗଦେବା ପରେ ଜନସାଧାରଣଙ୍କ ସହିତ ସୁସମ୍ପର୍କ ରଖି କାର୍ଯ୍ୟ କରିବା ସହିତ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରି ଦୁର୍ଘଟଣା ରୋକିବା ଦିଗରେ ପ୍ରାଧାନ୍ୟ ଦିଆଯିବ ବୋଲି ନୂଆ ଆଇଆଇସି ବେହେରା ପ୍ରକାଶ କରିଛନ୍ତି।

# ଆନ୍ଦୋଳନ କରିବାକୁ ଅଞ୍ଚଳବାସୀଙ୍କ ପ୍ରସ୍ତୁତି

ବଇଣ୍ଡା, ୧୧।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଳ ଷ୍ଟେଶନରେ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍ ରହୁନାହିଁ। ଫଳରେ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଟ୍ରେନ ରହଣି ପାଇଁ ଆନ୍ଦୋଳନ କରାଯିବ ବୋଲି ସୋମବାର ଜୀବନଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କମିଟି ପକ୍ଷରୁ ଜଏରାଟଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। କମିଟି ସମ୍ପାଦକ ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରମଣିରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ପୀତାମ୍ବର ପ୍ରଧାନ, ଗୌରଚନ୍ଦ୍ର ସାହୁ, ଯୋଗେଶ୍ୱର ପ୍ରଧାନ, ଚେରୁ ପ୍ରଧାନ, ରମେଶ ଲୁହା, ରବିନାରାୟଣ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

କମିଟି ପକ୍ଷରୁ କୁହାଯାଇଛି, ଏହି ଷ୍ଟେଶନ ଦେଇ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ଯାଉଥିଲେ ମଧ୍ୟ ରହଣି କରୁନାହିଁ। ଫଳରେ ଏହି ଟ୍ରେନ ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ରେଢ଼ାଖୋଲ ଓ ବଇଣ୍ଡା ରେଳଷ୍ଟେଶନ ଉପରେ ନିର୍ଭର କରି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଟ୍ରେନ ରହଣି ପାଇଁ ବହୁବାର ରେଳମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ତୁରନ୍ତ ରେଳବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ କମିଟି ପକ୍ଷରୁ ଦାବି ହୋଇଛି। ନଚେତ ଆଗାମୀଦିନରେ ଆନ୍ଦୋଳନ କରାଯିବ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।


ବୈଠକରେ ଜୀବନଜୀବିକା ଓ ଜମି ସୁରକ୍ଷା କମିଟିର କର୍ମକର୍ତ୍ତାମାନେ।

# ସଂଗ୍ରାମୀ ବିଚ୍ଛନ୍ଦ ଚରଣଙ୍କ ଘରୁ ପବିତ୍ର ମାଟି ସଂଗ୍ରହ

କଣିହାଁ, ୧୧।୯ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କଣିହାଁ ପଞ୍ଚାୟତ କଂସମୁଣ୍ଡା ଗ୍ରାମରେ ଭାଜପା ପକ୍ଷରୁ ‘ମୋ ଦେଶ ମୋ ମାଟି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପା ନେତା କାଳନ୍ଦୀ ସାମଲ ଓ କଣିହାଁ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଭାଜପା କର୍ମୀମାନେ କଳସ ଶୋଭାଯାତ୍ରାରେ ବାହାରି ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଘରୁ ମାଟି ସଂଗ୍ରହ କରିଥିଲେ। ପରେ ଗ୍ରାମର ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଘରୁ ମାଟି ସଂଗ୍ରହ କରି ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣିହାଁ ମଣ୍ଡଳର ଭାଜପା ନେତା ଲୋକନାଥ ସାହୁ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସୁଶାନ୍ତ ସାମଲ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ବିଭୂତି ସାହୁ, ବିରଞ୍ଚି ସାହୁ, କର୍ଣ୍ଣ ଭୂତିଆ, ଜଗନ୍ନାଥ ସାହୁ, ନନ୍ଦକିଶୋର ବେହେରା, ଅଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଅମୃତ କଳସ ଯାତ୍ରାରେ ଉପସ୍ଥିତ ଅତିଥି ଓ ଭାଜପା କର୍ମୀମାନେ।

# ଖଣିର ଅସୀମ ସମ୍ଭାବନା ସମ୍ପର୍କରେ ଆଲୋଚନା

ଅନୁଗୋଳ, ୧୧।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋର ଏସ୍ଆଣ୍ଡପି କମ୍ପ୍ଲେକ୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟଠାରେ ଗତ ୯ ଓ ୧୦ ତାରିଖରେ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆର ତାଳଚେର-ଅନୁଗୋଳ ଅଧ୍ୟାୟ ପକ୍ଷରୁ ‘ଖଣି: ଅସୀମ ସମ୍ଭାବନା-ଏକ ଅନୁସନ୍ଧାନ’ ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣିର ବିକାଶଶୀଳ ଦୃଶ୍ୟ ଏବଂ ଏହାର ଅସୀମ ସମ୍ଭାବନା ସମ୍ପର୍କରେ ଆଲୋଚନା ହୋଇଥିଲା।

ତାଳଚେର-ଅନୁଗୋଳ ଅଧ୍ୟାୟର ଅଧ୍ୟକ୍ଷ ମିହିର ରଞ୍ଜନ ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ଏବଂ ଅଧ୍ୟକ୍ଷ ଅନ୍ତର୍ଯାମୀ ଆଚାର୍ଯ୍ୟ ସେମିନାରର ବିଷୟବସ୍ତୁ ବିଷୟରେ ସୂଚନା ଦେଇଥିଲେ। ପ୍ରଥମ ଅଧିବେଶନରେ ନାଲ୍‌କୋ ନିର୍ଦ୍ଦେଶକ (ଅର୍ଥ) ରମେଶ ଚନ୍ଦ୍ର ଜୋଷୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନାଲ୍‌କୋର ପୂର୍ବତନ ନିର୍ଦ୍ଦେଶକ (ପିଆଣ୍ଡଟି) ମନସା ପ୍ରସାଦ ମିଶ୍ର, ପୂର୍ବତନ ଇଡି (ଏମ୍ଆଣ୍ଡଆର୍) ଡି.କେ. ମହାନ୍ତି, ଇଡି (ଏସ୍ଆଣ୍ଡପି) ଅମିୟ କୁମାର ସାଇଁ, ସଞ୍ଜୟ କୁମାର ସାହୁ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନକୁ ଏମ୍‌ସିଏଲ୍ ପ୍ରବନ୍ଧକ (ତାଳଚେର) ଅନୁପମ ଶ୍ରୀବାସ୍ତବ ପରିଚାଳନା କରିଥିଲେ। ନାଲ୍‌କୋ ଇଡି ଫାଇନାନ୍ସ ଆଇ/ସି ବ୍ରଜ କିଶୋର ଦାଶ, ନାଲ୍‌କୋ ମହା ପ୍ରବନ୍ଧକ (କୋଇଲା ଖଣି) ତପନ ପଟ୍ଟନାୟକ, ନାଲ୍‌କୋ ପ୍ରବନ୍ଧକ (ବିତ୍ତ) ପ୍ରଶାନ୍ତ କୁମାର ତ୍ରିପାଠୀ ଓ ତ୍ରିନାଥ ଲେଙ୍କା ଉପସ୍ଥିତ ଥିଲେ। ସେହିପରି ତୃତୀୟ ଅଧିବେଶନରେ ପ୍ରଭାକର ମହାନ୍ତି, ନିରଞ୍ଜନ ମିଶ୍ର, ନିରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ଶେଷରେ ଅନ୍ତର୍ଯାମୀ ଆଚାର୍ଯ୍ୟ, ମେଧାବୀ ଛାତ୍ର, ଶିକ୍ଷକ, ସ୍ୱେଚ୍ଛାସେବକ ଏବଂ ପୂର୍ବତନ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା।



ସେମିନାରରେ ଉପସ୍ଥିତ ଅଧିକାରୀମାନେ।

## ସଂକ୍ଷେପରେ

### ୫ନଂ. ୱାର୍ଡରେ ପଶିଲା ହାତୀ

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ୫ ନଂ. ୱାର୍ଡ ଚାନ୍ଦମାରୀ ସାହି ଦେବୀମନ୍ଦିର ପଛ ପାଖରେ ସୋମବାର ସନ୍ଧ୍ୟାରେ ଏକ ଦନ୍ତାହାତୀ ଉପଦ୍ରବ ଚଳାଇଛି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପାଣିଓହଳା ପାହାଡ ତଳ ଜଙ୍ଗଲ ଦେଇ ହାତୀଟି ଏହି ଅଞ୍ଚଳରେ ପ୍ରବେଶ କରିଥିବା ଜଣାପଡିଛି। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ହାତୀ ଗତିବିଧି ଉପରେ ନଜର ରଖାଯାଇଛି ବୋଲି ଉକ୍ତ ଅଞ୍ଚଳରେ ବସବାସ କରୁଥିବା ପୌରସଂସ୍ଥା ଉପାଧ୍ୟକ୍ଷ ପ୍ରକାଶ କୁଅଁର ସୂଚନା ଦେଇଛନ୍ତି।


୫ନଂ ୱାର୍ଡରେ ପଶିଥିବା ଦନ୍ତାହାତୀ।

# ଦୁର୍ଘଟଣା ପରେ ଉତ୍ତେଜନା, ରାଜପଥ ଅବରୋଧ

■ଠିକାସଂସ୍ଥାକୁ ତାଗିଦ୍ କଲେ ଏସ୍‌ପି
■ମରାମତି ନ ହେଲେ ଗିରଫ କରାଯିବ

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ୧ନଂ. ୱାର୍ଡ ଆନନ୍ଦନଗର ଅଞ୍ଚଳରେ ସୋମବାର ସକାଳ ପ୍ରାୟ ସାଢେ ୭ଟାରେ ଏକ ଗାଡ଼ି ଧକ୍କାରେ ଗୁଲୁ ରାଉତ(୩୫) ଗୁରୁତର ହୋଇଥିଲେ। ଗୁଲୁଙ୍କ ଘର ମୋଟଙ୍ଗା ଥାନା ମେରାମଣ୍ଡଳୀ ଅଞ୍ଚଳରେ। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ପରେ ଅଞ୍ଚଳବାସୀ ୫୫ନଂ. ଜାତୀୟ ରାଜପଥକୁ ସକାଳ ସାଢେ ୭ଟାରୁ ପୂର୍ବାହ୍ନ ପ୍ରାୟ ୯ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ବାରମ୍ବାର ଅଭିଯୋଗ ପରେ ମଧ ରାଜପଥ ମରାମତି ଦିଗରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲା। ପୂର୍ବତନ ନଗରପାଳ ସୁରେନ୍ଦ୍ର କୁମାର ମିଶ୍ର ଏ ସମ୍ପର୍କରେ ଏସ୍‌ପି ଓ ଅତିରିକ୍ତ ଏସ୍‌ପିଙ୍କୁ ଫୋନ୍ ମାଧ୍ୟମରେ ଜଣାଇବା ପରେ ଏସ୍‌ପି ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ଉପସ୍ଥିତିରେ ସନ୍ଧ୍ୟା ୬ଟାରେ ଜିଲା ପୋଲିସ କାର୍ଯ୍ୟାଳୟରେ ବୈଠକରେ କରାଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସନ୍ଧ୍ୟା ୬ଟାରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ଜିଲା ପୋଲିସ କାର୍ଯ୍ୟାଳୟରେ ଉକ୍ତ ବୈଠକ ବସିଥିଲା। ଏଥିରେ ଜାତୀୟ ରାଜପଥ ପ୍ରାଧିକରଣ ମ୍ୟାନେଜର ଧୀରଜ ପାଣ୍ଡେଙ୍କ ସମେତ ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର, ଅଞ୍ଚଳବାସୀ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଭବାନୀ ଶଙ୍କର ଉଦ୍‌ଗାତା, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆଲୋଚନା ପରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କଲେଜ ବାଇପାସ ଠାରୁ ଆନନ୍ଦନଗର ମଧ୍ୟରେ ତୁରନ୍ତ ୨୦୦ ମିଟର ରାସ୍ତା ମରାମତି କରିବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡ଼ିଲେ ମରାମତି କାମ କିଭଳି ହେଉଛି ତାହା ଏସ୍‌ପି ନିଜେ ଦେଖିବେ ବୋଲି କହିଥିଲେ। ରାଜପଥ ନିର୍ମାଣ କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ ରାସ୍ତା ବିପଦସଙ୍କୁଳ ହେଲେ ଠିକାସଂସ୍ଥା ଏହାର ମରାମତି କରିବ ବୋଲି ଆଲୋଚନା ହୋଇଥିଲା। ଯଦି ଠିକାସଂସ୍ଥା ରାସ୍ତା ମରାମତି ନ କରେ ଏବଂ ଦୁର୍ଘଟଣା ଘଟି ଜୀବନହାନି ଘଟେ, ଠିକାସଂସ୍ଥାର ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଆବଶ୍ୟକ ପଡିଲେ ଗିରଫ କରାଯିବ ବୋଲି ଏସ୍‌ପି ଚେତାବନୀ ଦେଇଥିଲେ।



ଦୁର୍ଘଟଣା ପରେ ଆନନ୍ଦନଗରଠାରେ ୫୫ନଂ ଜାତୀୟ ରାଜପଥ ଅବରୋଧ କରାଯାଇଛି।

# ନେତାଜୀଙ୍କ ନୂତନ ପ୍ରତିମୂର୍ତ୍ତି ସ୍ଥାପନ

ଢେଙ୍କାନାଳ,୧୧।୯ (ରତନ ନାୟାର)

ଢେଙ୍କାନାଳ ନୂଆପୋଖରୀ ସମ୍ମୁଖରେ ଥିବା ନେତାଜୀ ଶିଶୁ ଉଦ୍ୟାନ ପରିସରରେ ପୌରସଂସ୍ଥା ପକ୍ଷରୁ ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଏକ ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ପଥରରେ ନିର୍ମିତ ଏହି ପ୍ରତିମୂର୍ତ୍ତିର ମୂଲ୍ୟ ପ୍ରାୟ ୨୫ହଜାର ଟଙ୍କା ମଧ୍ୟରେ ହେବ ବୋଲି ସୂଚନା ଦିଆଯାଇଛି। ଏଥିପୂର୍ବରୁ ଉଦ୍ୟାନ ପରିସରରେ ଥିବା ପ୍ରତିମୂର୍ତ୍ତିକୁ ଗତ ସପ୍ତାହରେ କେତେଜଣ ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ। ଏ ସଂକ୍ରାନ୍ତରେ ପୌରସଂସ୍ଥା ପକ୍ଷରୁ ତଦନ୍ତ ଜାରି ରହିଛି। ଏହାପରେ ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି।


ନେତାଜୀଙ୍କ ନୂତନ ପ୍ରତିମୂର୍ତ୍ତି।

# କଲେଜରୁ ଚୋରି ଅଭିଯୋଗ

ପରଜଙ୍ଗ,୧୧।୯(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର କନିଷ୍ଠ କଲେଜରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ କଲେଜର ମୁଖ୍ୟ ଗେଟ୍, ଲାଇବ୍ରେରି ରୁମ, କମ୍ପ୍ୟୁଟର ରୁମ୍ ଓ ମୁଖ୍ୟ କାର୍ଯ୍ୟାଳୟ ତାଲା ଭାଙ୍ଗି ଭିତରେ ପଶିବା ସହ କମ୍ପ୍ୟୁଟର ହାର୍ଡଡିସ୍କ, ସିସିଟିଭି ହାର୍ଡଡିସ୍କ, ଇନ୍‌ଭର୍ଟର ଓ ଗୋଟିଏ ଏଲ୍‌ଇଡି ଟିଭି ଚୋରି କରି ନେଇଛନ୍ତି। କଲେଜର କର୍ମଚାରୀ ପ୍ରାତଃଭ୍ରମଣରେ ଆସିଥିବାବେଳେ ମୁଖ୍ୟଗେଟ୍ ଖୋଲାଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ଘଟଣା ସମ୍ପର୍କରେ ସମସ୍ତ କର୍ମଚାରୀଙ୍କୁ ଜଣାଇଥିଲେ। ଏ ନେଇ କଲେଜ ଅଧ୍ୟକ୍ଷ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ମିଶନ ଇନ୍ଦ୍ରଧନୁଷ୍ ଉଦ୍‌ଘାଟିତ

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ନାଗିଆପଶି ପଞ୍ଚାୟତ ଡାହିମାଳ ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ପରିସରରେ ସୋମବାର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସମ୍ପୂର୍ଣ୍ଣ ଟିକାକରଣ ନିମନ୍ତେ ମିଶନ ଇନ୍ଦ୍ରଧନୁଷ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଶଚନ୍ଦ୍ର ମହାପାତ୍ର ଯୋଗଦେଇ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ବେଲଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବିଜିତା ଶୁଭଦ୍ରା ଶତପଥୀ, ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭାରତୀ ପଣ୍ଡା, ନନ୍ଦକିଶୋର ମଲ୍ଲିକ, ଆସିଷ୍ଟାଣ୍ଟ ମ୍ୟାନେଜର ସଂଗ୍ରାମ ଷଡଙ୍ଗୀ, ଡିଭିଏଲ୍‌ଏମ୍ ତ୍ରିଲୋଚନ ପରିଡା, ଆଇସିଏ ରାଜା ସ୍ୱାଇଁ, ବିପିଏମ୍ ଦେବାଶିଷ ମାନସିଂହଙ୍କ ସମେତ ଆଶା, ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।


ଡାହିମାଳ ଗ୍ରାମରେ ମିଶନ ଇନ୍ଦ୍ରଧନୁଷ୍ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ନିରବଚ୍ଛିନ୍ନ ପ୍ରଚେଷ୍ଟା ହିଁ ବିକାଶର ମୂଳମନ୍ତ୍ର

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନେଇ ସଚେତନତା

ଢେଙ୍କାନାଳ,୧୧।୯(ରତନ ନାୟାର)

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଢେଙ୍କାନାଳ ସହରସ୍ଥିତ ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଭବିଷ୍ୟତ ରୋଡମ୍ୟାପ୍ ପ୍ରସ୍ତୁତି ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଯୋଗଦେଇ ନିରବଚ୍ଛିନ୍ନ ପ୍ରଚେଷ୍ଟା ହିଁ ଶିକ୍ଷା ଓ ଶିକ୍ଷାନୁଷ୍ଠାନ ବିକାଶର ମୂଳମନ୍ତ୍ର ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବରିଷ୍ଠ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର, ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାଳୟ ପାଇଁ ଏବଂ ପ୍ରଧାନ ଶିକ୍ଷକ, ଶିକ୍ଷକ, ପରିଚାଳନା କମିଟି ଓ ପୂର୍ବତନ ଛାତ୍ର କମିଟି ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପୁରସ୍କାର ପାଇଁ ଆବେଦନ, ଯୋଗ୍ୟତା ମାନଦଣ୍ଡ ଓ ଚୟନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସଚେତନତା କାର୍ଯ୍ୟକ୍ରମ।

# ଶିକ୍ଷକ ଅଭାବ ସମସ୍ୟାର ସମାଧାନ ଦାବି

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ୍ ଦୁର୍ଗାପ୍ରସାଦ ଗ୍ରାମର ସ୍କୁଲ୍ ପରିଚାଳନା କମିଟି ଓ ଅଭିଭାବକମାନେ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାର ସମାଧାନ ପାଇଁ ସୋମବାର ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଉକ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୬୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଏହି ୮ଟି ଶ୍ରେଣୀ ପାଇଁ ବର୍ତ୍ତମାନ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ସେଥିରୁ ଜଣେ ଶିକ୍ଷୟିତ୍ରୀ ମନଇଚ୍ଛା ସ୍କୁଲ୍ ଆସୁଛନ୍ତି ଏବଂ ଯାଉଛନ୍ତି। ଜଣେ ଶିକ୍ଷକ ଅଫିସ କାମରେ ରହୁଛନ୍ତି। ତେଣୁ ଆଉ ମାତ୍ର ୨ଜଣ ଶିକ୍ଷକଙ୍କୁ ନେଇ ୮ଟି ଶ୍ରେଣୀ ପାଠପଢା ଚାଲୁଛି। ଆସନ୍ତା ୭ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନ ହେଲେ ସ୍କୁଲ୍ ସମ୍ମୁଖରେ ଧାରଣ ଦିଆଯିବ ବୋଲି ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଜନଶୁଣାଣି ବେଳେ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହି ଅଭିଯୋଗପତ୍ର ପ୍ରଦାନ ବେଳେ ବିଷ୍ଣୁ ଚରଣ ମହାରଣା, କୁନା ବେହେରା, ଶେଷଦେବ ଘଡେଇ, କାଳିଆ ମହାରଣା, ବନବିହାରୀ ସେଠୀ, ମୋହନ କୁମାର କର, ପ୍ରସନ୍ନ କୁମାର ଦଳେଇଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।


ଶିକ୍ଷକ ଅଭାବ ନେଇ ଦୁର୍ଗା ପ୍ରସାଦ ଗ୍ରାମବାସୀ ଅଭିଯୋଗ କରୁଛନ୍ତି।

# ଜୀବନଜୀବିକା ପାଇଁ ୪୫ ଜଣଙ୍କୁ ସହାୟତା

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଶିବିରରେ ୧୧୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୨୩ଟିର ସମାଧାନ କରାଯାଇଥିଲା। ଏହାପରେ ଜିଲା କାର୍ଯ୍ୟାଳୟଠାରେ ୫–ଟି ସଚିବଙ୍କ ଢେଙ୍କାନାଳ ଗସ୍ତ ସମୟରେ ଜୀବନ ଜୀବିକା ପାଇଁ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆବେଦନ କରିଥିବା ୪୫ ଜଣ ମହିଳାପୁରୁଷଙ୍କୁ ୩୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଶିବିରରେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ୭ ଓ ରେଡକ୍ରସ ପାଣ୍ଠି ପାଇଁ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଜିଲା ଜରୁରୀ ଓ ଆପତକାଳୀନ ଅଧିକାରୀ ଲୋପାମୁଦ୍ରା ରଥ ଉପସ୍ଥିତ ଥିଲେ।


ଜୀବନ ଜୀବିକା ପାଇଁ ଆବେଦନକାରୀମାନଙ୍କୁ ଜିଲାପାଳ ସହାୟତା ପ୍ରଦାନ କରୁଛନ୍ତି।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ କାର୍ଯ୍ୟନିର୍ବାହୀ ସମିତିର ବର୍ଷୀୟାନ ସଦସ୍ୟ ତଥା ବରିଷ୍ଠ ନାଗରିକ ନାରାୟଣ ଶତପଥୀଙ୍କୁ ସୋମବାର ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। କୁଞ୍ଜକାନ୍ତସ୍ଥିତ ବାସଭବନରେ ମଞ୍ଚ ସଭାପତି ପ୍ରହ୍ଲାଦ ତ୍ରିପାଠୀ, ପୂର୍ବତନ ଉପଦେଷ୍ଟା ଜାନକୀ ବଲ୍ଲଭ ପଟ୍ଟନାୟକ, ସାଧାରଣ ସମ୍ପାଦକ କୃଷ୍ଣ ମୋହନ ସାହୁ, ଯୁଗ୍ମ ସମ୍ପାଦକ ବୈକୁଣ୍ଠ ନାଥ ବେହେରା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଶତପଥୀ ଏବଂ ସଦସ୍ୟ ବଳଭଦ୍ର ବେହେରା ପ୍ରମୁଖ ନାରାୟଣଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗ ଏବଂ ଦୁର୍ଘଟଣାଗ୍ରସ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି।

# ଗଣେଶ ପୂଜା ପାଇଁ ମାଟି ଅନୁକୂଳ


ମୂର୍ତ୍ତି ନିର୍ମାଣ ନିମନ୍ତେ ବ୍ରାହ୍ମଣୀ ନଦୀକୂଳରୁ ମାଟି ସଂଗ୍ରହ କରାଯାଉଛି।

ଢେଙ୍କାନାଳ,୧୧।୯(ରତନ ନାୟାର)

## ରାଧାକୃଷ୍ଣ ବଜାର ଗଣେଶ ପୂଜା ପ୍ରତିଷ୍ଠାନର ମାଟି ଅନୁକୂଳ

ଢେଙ୍କାନାଳ ରାଧାକୃଷ୍ଣ ବଜାର ଶ୍ରୀଶ୍ରୀ ଗଣେଶ ପୂଜା ପ୍ରତିଷ୍ଠାନ ତରଫରୁ ଗଣେଶଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଚଳିତବର୍ଷ ମାଟି ସଂଗ୍ରହ କରାଯାଇଛି। ମାଟି ସଂଗ୍ରହ ନିମନ୍ତେ ଏକ ବିଶାଳ ଶୋଭାଯାତ୍ରା ରାଧାକୃଷ୍ଣ ବଜାରରୁ ଆରମ୍ଭ ହୋଇ ବ୍ରାହ୍ମଣୀ ନଦୀ ନିକଟରେ ପହଞ୍ଚିଥିଲା। ହିନ୍ଦୁ ପୂଜା ବିଧି ସହ ଶଙ୍ଖ, ଢୋଲ, ଗିନି ପାରମ୍ପରିକ ବାଦ୍ୟରେ କୀର୍ତ୍ତନମଣ୍ଡଳୀଙ୍କ ସହ କର୍ତ୍ତା ଗୋବିନ୍ଦ ଶଣ୍ଢ ଏବଂ ବ୍ରାହ୍ମଣଙ୍କ ଉପସ୍ଥିତିରେ ଏକ ଆଧ୍ୟାତ୍ମିକ ପରିବେଶରେ ମାଟି ସଂଗ୍ରହ କରାଯାଇଥିଲା। ସଭାପତି ବିଶ୍ୱରଞ୍ଜନ ଓଝା ଏବଂ ସମସ୍ତ କମିଟି ବୃନ୍ଦ, ସଭ୍ୟବୃନ୍ଦ ଏବଂ ବରିଷ୍ଠ ବ୍ୟକ୍ତି ଯୋଗଦାନ କରିଥିଲେ।

# ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଢେଙ୍କାନାଳ,୧୧।୯(ରତନ ନାୟାର)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ୍‌ର ଆହ୍ୱାନକ୍ରମେ ୩ ଦଫା ଦାବିରେ ଢେଙ୍କାନାଳ ସଦର ବ୍ଲକ ସମସ୍ତ ବର୍ଗର ଶିକ୍ଷୟିତ୍ରୀଶିକ୍ଷକମାନେ ସୋମବାରଠାରୁ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସଭାପତି ବୈରାଗୀ ଚରଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଧାରଣାରେ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଛନ୍ତି। ୩ ଦଫା ଦାବି ପୂରଣ ନିମନ୍ତେ ଗତ ଅଗଷ୍ଟ ୫ ତାରିଖରେ ୩୧୪ ବ୍ଲକ୍ ଶିକ୍ଷାଧିକାରୀ ଓ ୧୧ ତାରିଖରେ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେପ୍ଟେମ୍ବର ୫ ତାରିଖ ଗୁରୁଦିବସରେ ରାଜ୍ୟ ସରକାର ଦାବି ପୂରଣ କରିବେ ବୋଲି ଆଶା କରିଥିଲେ। ମାତ୍ର ସେପରି କିଛି ହେଲା ନାହିଁ। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ରାଜେନ୍ଦ୍ର ନାୟକ, ଶତ୍ରୁଘ୍ନ ମଲ୍ଲିକ, ଅସିଫ୍ ମିଶ୍ର, ପ୍ରଶାନ୍ତ ପଣ୍ଡା, ସଚ୍ଚିଦାନନ୍ଦ ସାହୁ, ଲାଲୁ ସେନ୍ ପ୍ରମୁଖ କହିଛନ୍ତି।



ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

# ପ୍ଲାଣ୍ଟ ସମ୍ମୁଖରେ ବିସ୍ଥାପିତଙ୍କ ଧାରଣା

ଢେଙ୍କାନାଳ,୧୧।୯(ରତନ ନାୟାର)

୫୪ ବିସ୍ଥାପିତ ପରିବାରକୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ନ ହେବାରୁ ଏହାର ପ୍ରତିବାଦରେ ସମ୍ପୃକ୍ତ ଜମିହରା ପ୍ରଜାମାନେ ସୋମବାର ସକାଳ ୮ଟାରୁ ଦୀର୍ଘ ସମୟ ଧରି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ତର୍କାବେଡା ଅଞ୍ଚଳରେ ଥିବା ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଷ୍ଟିଲ ପ୍ଲାଣ୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି ଯେ, ବାରମ୍ବାର ଆପତ୍ତି ଅଭିଯୋଗ ପରେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ। ୨୦୦୭ ମସିହାରେ ଜମି ଅଧିଗ୍ରହଣ ସମୟରେ ତର୍କାବେଡା ବାଲିସାହିର ୫୪ ବିସ୍ଥାପିତ ପରିବାରଙ୍କୁ ସ୍ଥାୟୀ ନିଯୁକ୍ତି କିମ୍ବା ଏକକାଳୀନ କ୍ଷତିପୂରଣ ରାଶି ପ୍ରଦାନ ପାଇଁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଉକ୍ତ ପ୍ରତିଶ୍ରୁତି ପାଳନ କରା ନ ଯିବାରୁ ଗତ ଜୁଲାଇ ୧୯ରେ ବିସ୍ଥାପିତମାନେ ଧାରଣାରେ ବସିଥିଲେ। ସେହି ସମୟରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଧାରଣାସ୍ଥଳରେ ପହଞ୍ଚି ବିସ୍ଥାପିତଙ୍କ ସମର୍ଥନରେ ଯୁକ୍ତି ବାଢିଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ କହିଥିଲେ। କମ୍ପାନୀ ପକ୍ଷରୁ ଏଥିପାଇଁ ଦେଢମାସ ସମୟ ମଗାଯାଇଥିଲା। ହେଲେ ନିର୍ଦ୍ଧାରିତ ସମୟ ବିତିଯିବା ପରେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇନାହିଁ। ଫଳରେ ବିସ୍ଥାପିତମାନେ ଧାରଣା ଦେବାକୁ ବାଧ୍ୟ ହୋଇଛନ୍ତି। ଏହି ଧାରଣା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ପୋଲିସ ସହ ପହଞ୍ଚି ବୁଝାଶୁଝା କରିଥିଲେ। ଚାକିରି ପରବର୍ତ୍ତେ କ୍ଷତିପୂରଣ ବାବଦକୁ ଏକକାଳୀନ ୨୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ ପାଇଁ ଲିଖିତ ସହମତି କରାଯିବା ଏବଂ ବିସ୍ଥାପିତମାନଙ୍କୁ ଆସନ୍ତା ୪୦ଦିନ ମଧ୍ୟରେ କମ୍ପାନୀ ପକ୍ଷରୁ ଏହା ପୈଠ କରାଯିବା ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ରୁଙ୍ଗଟା କମ୍ପାନୀ ଫାଟକ ସମ୍ମୁଖରେ ବିସ୍ଥାପିତମାନେ ଧାରଣା ଦେଇଛନ୍ତି।

